● ବାଲି ଚୋରିକୁ ଲଗାମ୍ ନାହିଁ

# ନଦୀ-ନାଳ ଶୁଖୁଛି; ମାଫିଆଙ୍କୁ ସୁହାଉଛି



ଆନନ୍ଦପୁର, ୨୫।୨(ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡରେ କୋଟି କୋଟି ଟଙ୍କା ବାଲି ଚୋରି ହୋଇଆସୁଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ସତ୍ତ୍ୱେ ପ୍ରଶାସନ ଏହା ଉପରେ ନିୟମିତ ଭାବେ ଲଗାମ୍ ଲଗାଇପାରୁ ନାହିଁ। ଏବେ ଗ୍ରୀଷ୍ମ ପୂର୍ବରୁ ନଦୀ-ନାଳରୁ ଜଳଧାର ଶୁଖିବାରେ ଲାଗିଛି। ଏହାର ସୁଯୋଗ ନେଉଛନ୍ତି ବାଲି ମାଫିଆ। ବେଆଇନ ଭାବେ ବାଲି ଉଠାଣ ଜାରି ରହିଛି। ବାଲି ଚୋରି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ପ୍ରତିଦିନ ଝାଡ଼ଖଣ୍ଡ ଅଞ୍ଚଳକୁ ଚାଲାଣ ହେଉଛି। ଧରପଗଡ଼ ବେଳେ ଖଣି ବିଭାଗ ଉପରେ ବାଲି ମାଫିଆ ବାରମ୍ବାର ଆକ୍ରମଣ କରୁଥିବାରୁ ପୁଲିସକୁ ସାମିଲ କରି ସ୍କ୍ୱାଡ ଗଠନ କରାଯାଇଥିଲା; କିନ୍ତୁ ପୂର୍ବ ଅପେକ୍ଷା ବାଲି ଚୋରି ଅଧିକ ବୃଦ୍ଧି ପାଇଥିବା ଜଣାଯାଇଛି। ଘସିପୁରା ତହସିଲ ଅଧୀନ ଦରଡିପାଳ, ବାଲିପାଳ ସୀମା ରେମାଳ ନଦୀରୁ ଶହ ଶହ ଟ୍ରିପ ବାଲି ଚୋରି ହେଉଛି। ବାତୋ ଅମାରଙ୍ଗ ଓ ନିକଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରୁ ଶହଶହ ଟ୍ରିପ୍ ବାଲି ଚୋରି ହେଉଛି। ମେସିନ ଦ୍ୱାରା ବାଲି ଲୋଡ ହୋଇ ଟ୍ରାକ୍ଟର ଓ ହାଇୱା ଯୋଗେଁ ଦୂର ଦୁରାନ୍ତକୁ ବାଲି ଚାଲାଣ ହେଉଛି। ମେସିନ ସାହାଯ୍ୟରେ ସନ୍ଧ୍ୟାରୁ ଭୋର୍ ପର୍ଯ୍ୟନ୍ତ ବାଲି ଲୁଟ୍ ହେଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିଦିନ ୧୦୦ରୁ ଅଧିକ ବଡ ବଡ ହାଇୱା ଯୋଗେ ବାଲି କଲିକତା ଓ ଝାଡ଼ଖଣ୍ଡକୁ ବେଆଇନ ପରିବହନ ହେଉଛି। ଖଣି, ରାଜସ୍ୱ, ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀଙ୍କ ଜାଣତରେ ବାଲି ଲୁଟ୍ ହେଉଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବାଲି ମାଫିଆଙ୍କ ବିରୁଦ୍ଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲି ଚୋରିକୁ ରୋକିବା ପାଇଁ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଆନନ୍ଦପୁର ଜିଲ୍ଲା ଦାବିରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଆନନ୍ଦପୁର, ୨୫।୨(ସମିସ):




ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିନେଇ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ଏକ ସ୍ମାରକପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ବିକାଶ ପରିଷଦର ସଭାପତି ରମାକାନ୍ତ ନାୟକ ତତ୍ତ୍ୱାବଧାନ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ସଂଗଠନର କର୍ମକର୍ତ୍ତା ଗଣମାଧ୍ୟମ ପ୍ରତିନିଧି ଆଇନଜୀବୀ ବ୍ୟବସାୟିକ ସଂଗଠନର କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଖଣ୍ଡବାସୀଙ୍କ ମତ ଅନୁସାରେ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲ୍ଲାସ୍ତରୀୟ ଅଧିକାରୀମାନେ କେବଳ ସରକାରୀ କାର୍ଯ୍ୟରେ ଆନନ୍ଦପୁର ଆସୁଥିବାବେଳେ ଅନ୍ୟ ସମୟରେ ତାଙ୍କର ପାଦ ପଡୁନି। ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏଠାରେ ରହୁନାହାନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ରହୁନି। ଉପଖଣ୍ଡର କେତେକ ସ୍ଥାନରୁ ଜିଲ୍ଲା ମୁଖ୍ୟାଳୟର ଦୂରତା ୧୪୦କିମି ହୋଇଥିବାରୁ ସେହିସବୁ ସ୍ଥାନର ଲୋକେ କୌଣସି କାମରେ ମୁଖ୍ୟାଳୟକୁ ଗଲେ ହଇରାଣ ହେଉଛନ୍ତି। ଅନେକ ସମୟରେ ଲୋକେ ମୁଖ୍ୟାଳୟରେ ରାତି ରହି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଆନନ୍ଦପୁର ଉପଖଣ୍ଡ ଜିଲ୍ଲା ସଦରରୁ ଦୂରେଇ ଯାଇଥିବା ଏବଂ ପ୍ରଶାସନ ପାଇଁ ଏକପ୍ରକାର ଅପହଞ୍ଚ ରହିଥିବାରୁ ଏଠାରେ ବିକାଶ ଉପେକ୍ଷିତ ହୋଇଚାଲିଛି ବୋଲି ଅଭିଯୋଗ ହେଉଛି। ସରକାର ଆନନ୍ଦପୁର ଜିଲ୍ଲା ପୁନର୍ଗଠନ ତାଲିକାରେ ରଖିଥିବାରୁ ତୁରନ୍ତ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଆଗାମୀ ଦିନରେ ଏହାର ଘୋଷଣା ନେଇ ବିଜ୍ଞପ୍ତି ଜାରି କରିବାକୁ ଦାବି କରାଯାଇଛି।

# ପୁତିଗନ୍ଧମୟ ପରିବେଶରେ ଚମ୍ପୁଆ ବସ୍ଷ୍ଟାଣ୍ଡ; ଯାତ୍ରୀ ହନ୍ତସନ୍ତ




ଚମ୍ପୁଆ, ୨୫।୨(ସମିସ): ପୁତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଘାଣ୍ଟି ହେଉଛନ୍ତି ଚମ୍ପୁଆ ବସଷ୍ଟାଣ୍ଡର ଅପେକ୍ଷାରତ ଯାତ୍ରୀମାନେ। ଉପଖଣ୍ଡ ମୁଖ୍ୟାଳୟସ୍ଥିତ ଏହି ବସଷ୍ଟାଣ୍ଡରେ ରାତି ପାହିଲେ ଯାତ୍ରୀଙ୍କ ଭିଡ଼ ଲାଗିରହିଥାଏ। ଜିଲ୍ଲା ଭିତରେ, ଅନ୍ୟ ଜିଲ୍ଲା ଏବଂ ଝାଡ଼ଖଣ୍ଡ ରାଜ୍ୟକୁ ଯିବାପାଇଁ ଏହା ହେଉଛି ପ୍ରବେଶ ପଥ। ଦୂରଦୁରାନ୍ତକୁ ଯିବାକୁ ଅପେକ୍ଷାରତ ଯାତ୍ରୀଙ୍କ ସମେତ କଲେଜ ଛାତ୍ରଛାତ୍ରୀମାନେ ଏହି ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ୨୦୧୬ ମସିହାରେ ନିର୍ମାଣାଧୀନ ଏ ବସଷ୍ଟାଣ୍ଡରେ ଥିବା ପୁରୁଷ ଓ ମହିଳା ଶୌଚାଳୟର ଟାଙ୍କିର ସିମେଣ୍ଟ ସ୍ଲାବଟି ଭାଙ୍ଗିରୁଜି ଯାଇଥିବାରୁ ଦୁର୍ଗନ୍ଧରେ ପରିବେଶ ଫାଟି ପଡୁଛି। ଟାଙ୍କିର ମଇଳା ପାଣି ବାହାରକୁ ବାହାରି ଆସୁଥିବାରୁ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ଯାତ୍ରୀମାନଙ୍କୁ ହନ୍ତସନ୍ତ କରୁଛି। ୨୦୨୩ ମସିହାରେ ଏବର ବିଧାୟକ ସନାତନ ମହାକୁଡ ନିଜସ୍ୱ ପାଣ୍ଠିରୁ ବସଷ୍ଟାଣ୍ଡରେ ଦୁଇଟି ଶୌଚାଳୟ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଏନ୍ଏସି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରି ଆସୁଥିଲା। କିନ୍ତୁ ବସଷ୍ଟାଣ୍ଡର ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସମ୍ପର୍କରେ ଏନ୍ଏସିକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳି ନଥିଲା। ତେବେ ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ଏ ବାବଦରେ ଆମେ ଅବଗତ ଅଛୁ। ଆଜି ପ୍ରଥମେ ଗାଡ଼ି ଯାଇ ଟାଙ୍କି ସଫା କରିବ ଏବଂ ତାପରେ ଟାଙ୍କିର ସିମେଣ୍ଟ ସ୍ଲାବଟିକୁ ମରାମତି କରିବୁ ବୋଲି କହିଥିଲେ।

# ହଷ୍ଟେଲରୁ ନିଖୋଜ ଛାତ୍ର ମଥୁରାପୁରରୁ ଉଦ୍ଧାର

ଚମ୍ପୁଆ, ୨୫।୨(ସମିସ):

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନଏସି ୧ନଂ ୱାର୍ଡସ୍ଥିତ ରାମଲା ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ୨ୟ ଶ୍ରେଣୀ ଛାତ୍ର ଜଣଙ୍କ ନିଖୋଜ ହୋଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ପୁଲିସ ସହାୟତାରେ ଉଦ୍ଧାର କରାଯାଇଛି। ମଙ୍ଗଳବାର ଉକ୍ତ ଛାତ୍ର ଜଣଙ୍କ ଖାଇ ସାରିବା ପରେ ବିଦ୍ୟାଳୟ ପାଚେରି ଡେଇଁ ଲୁଚି ପଳାଇଥିଲେ। ସନ୍ଧ୍ୟାରେ ସେ ହଷ୍ଟେଲରେ ନଥିବା ଜାଣି ପ୍ରଧାନଶିକ୍ଷକ ବିଲେଇପଦା ନିକଟସ୍ଥ କୋହ୍ଲହୁଣ୍ଡୁଳା ଗାଁରେ ରହୁଥିବା ଶିଶୁର ବାପାମାଆଙ୍କୁ ଜଣାଇଥିଲେ। ତା'ପରେ ଏନେଇ ପ୍ରଧାନଶିକ୍ଷକ ଥାନାରେ ଏତଲା ଦେଇଥିଲେ। ସମସ୍ତଙ୍କ ମିଳିତ ଉଦ୍ୟମରେ ଖୋଜାଖୋଜି କରୁଥିବା ସମୟରେ ଚମ୍ପୁଆ ଥାନା ଅନ୍ତର୍ଗତ ମଥୁରାପୁର ଗାଁର ଜଣେ ବ୍ୟକ୍ତି ଥାନାକୁ ଜଣାଇଥିଲେ କି ଯେ ଗୋଟିଏ ଅଚିହ୍ନା ଶିଶୁ ଆମ ଘର ବାରଣ୍ଡାରେ ଶୋଇ ରହିଛି। ପୁଲିସ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିବାର ଲୋକେ ସେହି ଗାଁକୁ ଯାଇ ତାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଏନେଇ ଥାନାରେ ୭୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଶିଶୁ ଓ ପ୍ରଧାନଶିକ୍ଷକଙ୍କ ବୟାନ ରେକର୍ଡ କରାଯାଇଛି। ଖବର ନେବାରୁ ଜଣାପଡ଼ିଛି ଯେ ଶିଶୁଟି ଦୁଇ ମାସ ହେବ ଘରୁ ଆସିଥିଲେ ମଧ୍ୟ ପରିବାର ଲୋକଙ୍କୁ ଫୋନ୍ କରୁଥିଲେ ସୁଦ୍ଧା କେହି ଆସୁ ନଥିଲେ। ବ୍ୟସ୍ତ ଓ ବିବ୍ରତ ହୋଇ ସେ ଲୁଚିକରି ଘରକୁ ପଳାଉଥିବା ଜଣାପଡ଼ିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶିଶୁଟିକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ନଥିବା ଜଣାପଡ଼ିଛି।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ତୁରୁମୁଙ୍ଗା, ୨୫।୨(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ଛକ ନିକଟରେ ମଙ୍ଗଳବାର ସଂଧ୍ୟାରେ ଏକ ଅଜଣା ଗାଡ଼ି ମହିଳାଙ୍କ ପଛ ପଟରୁ ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବାରିଆ ଥାନା ଭୂଇଁପୁର ପଞ୍ଚାୟତ ଭୋଦପୋଷି ଗ୍ରାମର କୁଆଁରୀ ନାଏକ(୬୨)। ମଙ୍ଗଳବାର ସନ୍ଧ୍ୟାରେ କୁଆଁରୀ ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ଅଜଣା ଗାଡ଼ି ଧକ୍କା ଦେଇ କୁଆଁରୀଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏନ୍ଏଚଆଇ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ମଙ୍ଗଳବାର ରାତି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବୁଧବାର ଥାନା ଏଏସଆଇ ଦେବେନ୍ଦ୍ର ମୁର୍ମୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୪୧/୨୬ରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

# ଶିଳ୍ପ ବିଭାଗର ମୂଲ୍ୟବାନ ଜମି ଚିହ୍ନଟ ହେଲା




କେନ୍ଦୁଝର, ୨୫।୨(ସମିସ): କେନ୍ଦୁଝର ମାଇନିଂରୋଡସ୍ଥିତ ଓଡ଼ିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟର ଜମି ବହୁ ବର୍ଷ ହେଲା କିଛି ବ୍ୟକ୍ତି ଜବରଦଖଲ କରି ରାସ୍ତା ଭାବେ ବ୍ୟବହାର କରୁଥିଲେ। ଏନେଇ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଉଚ୍ଛେଦ ପାଇଁ ଟାଉନ ଥାନାରେ ଏତଲା ଦେବା ସହ ଜମି ଚିହ୍ନଟ କରିବାକୁ ସଦର ତହସିଲଦାରଙ୍କୁ ଜଣାଇଥିଲେ। କିଛି ଲୋକ ଓଏସ୍ଏମ୍ଇ ପଟ୍ଟାଭୁକ୍ତ ଜମିରେ ମାଟି ପକାଇ ରାସ୍ତା ନିର୍ମାଣ କରୁଥିଲେ। ସଦର ତହସିଲ ପକ୍ଷରୁ ପୁଲିସ ଉପସ୍ଥିତିରେ ଆଜି ଶିଳ୍ପ ବିଭାଗ ନାଁରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇଛି। ଚିହ୍ନଟ ଓ ମାପଚୁପ ସମୟରେ ସଦର ତହସିଲଦାର ଶୁଭେନ୍ଦୁ ସାହୁ, ସଦର ଆରଆଇ ଶ୍ରୀକାନ୍ତ ମାଝୀ ଉକ୍ତ ସ୍ଥାନରେ ମାପଚୁପ କରାଇ ଶିଳ୍ପ ବିଭାଗ ନାମରେ ଥିବା ମୂଲ୍ୟବାନ ଜମିକୁ ଚିହ୍ନଟ କରିଛନ୍ତି। ଚିହ୍ନଟ ପରେ ମେସିନରେ ଗାତ ଖୋଳାଯାଇଛି। ଓଏସ୍ଏମ୍ଇ ପକ୍ଷରୁ ଆସନ୍ତାକାଲି ଖୁଣ୍ଟ ପୋତାଯାଇ ତାରବାଡ଼ ଘେରାଯିବ ବୋଲି ଅଧ୍ୟକ୍ଷ ମନ୍ମଥ ମାଝୀ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ସଦର ତହସିଲ ଅଧୀନସ୍ଥ ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ସମ୍ମୁଖ କୁଲାଡେରା ମୌଜାର ଖାତା ନମ୍ବର ୧୧ର ପ୍ଲଟ ନମ୍ବର ୬, ପ୍ଲଟ ନମ୍ବର ୨୬, ଖାତା ନଂ ୨ର ପ୍ଲଟ ନମ୍ବର ୨୯୭ରେ ୫ ଜଣ ବ୍ୟକ୍ତି ଜୋର ଜବରଦସ୍ତ ସରକାରୀ ଜମି ଜବରଦଖଲ କରିଛନ୍ତି। ଶିଳ୍ପ ବିଭାଗ ଜମିକୁ ରାସ୍ତା ଦେଖାଇ କିଛି ଲୋକ ନିଜ ଜମିକୁ ଘରବାଡି କିସମ ପରିବର୍ତ୍ତନ କରିଛନ୍ତି। ରାଜସ୍ୱ ବିଭାଗ ଏହାର ତଦନ୍ତ କରି ଦୋଷୀ ଆରଆଇଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୨୦୨୦ରେ ବସିଥିବା ବିଦ୍ୟାଳୟର ଗଭର୍ଣ୍ଣିଂ ବଡି ବୈଠକରେ ଜବରଦଖଲକୁ ନେଇ ଆଲୋଚନା ହୋଇଥିଲା। ପରେ ଉକ୍ତ ଜମିର ଚିହ୍ନଟ ଓ ପାଚେରି ନିର୍ମାଣ ପାଇଁ ୧୮/୦୧/୨୦୨୧ରେ ସ୍ଥାନୀୟ ସଦର ତହସିଲଦାରଙ୍କୁ ଜବରଦଖଲ ସମ୍ପର୍କରେ ଜଣାଇ ପଦକ୍ଷେପ ନେବାକୁ କୁହାଯାଇଥିଲା। ଉକ୍ତ ଜମି ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ଉକ୍ତ ସ୍ଥାନରେ ମାଟି ପକାଇ ଜବରଦଖଲକାରୀ ସମତୂଲ କରୁଥିବା ଦେଖି ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟର ଅଧ୍ୟକ୍ଷ ଚିଠି ସଂଖ୍ୟା ୩୧୩ ତା ୧୬/୦୨/୨୦୨୬ ରିଖରେ ଟାଉନ ଥାନାରେ ଜବରଦଖଲକାରୀଙ୍କ ବିରୁଦ୍ଧରେ ଏତଲା ଦେବା ପରେ ରାଜସ୍ୱ ବିଭାଗ ତ୍ୱରିତ ଭାବେ ଜମି ଚିହ୍ନଟ କରିଛି। ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟର ଘର ନିର୍ମାଣ ପାଇଁ ସ୍ଥାନ ଅଭାବ ଥିବାବେଳେ ସ୍କୁଲର ମୂଲ୍ୟବାନ ଜମି ଜବରଦଖଲ ରେ ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବ୍ଜାରେ ରହିଥିଲା। ଫଳରେ ଜାଗା ଅଭାବ ଯୋଗୁଁ ଷ୍ଟାଫ୍ କ୍ୱାର୍ଟର ଓ ହଷ୍ଟେଲ ଆଦି ନିର୍ମାଣ ହୋଇ ପାରୁନାହିଁ।

# ନାଳିଆବନ୍ଧ ପୋଖରୀ ଉନ୍ନତିକରଣ ଦାବି



କେନ୍ଦୁଝର,୨୫।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପଶି ଗ୍ରାମର ନାଳିଆବନ୍ଧ ପୋଖରୀର ଉନ୍ନତିକରଣ ଦାବି ହୋଇଛି। ଗତବର୍ଷଠାରୁ ପୋଖରୀ ଖୋଳା ଏବଂ ପାହାଚ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଉଥିଲେ ହେଁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁପୋଶି ଗାଁରେ ସରକାରୀ ପୋଖରୀ ନଥିବାରୁ ଲୋକେ ନାଳ ଗାଡ଼ିଆରେ ସ୍ନାନ କରୁଛନ୍ତି। ଫଳରେ ନାନାଦି ଚର୍ମରୋଗ ରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ପୋଖରୀ ଖୋଳାଯିବା ସହ ପାହାଚ ନିର୍ମାଣ କରାଯିବାକୁ ସୁରେଶ ସଏ, ବୁଦ୍ଧଦେବ ପାତ୍ର, ଦୁର୍ଯ୍ୟୋଧନ ପାତ୍ର, ପଦ୍ମଲୋଚନ ପାତ୍ର, ଦୁର୍ଲ୍ଲଭ ପାତ୍ର, ମଙ୍ଗୁଲୁ ଚରଣ ପାତ୍ର, ଦିପୁ ପାତ୍ର, ଗଣେଶ୍ୱର ପାତ୍ର, ପରେଶ ପାତ୍ର, ବିଶ୍ୱଜିତ ପାତ୍ର, ପ୍ରଶାନ୍ତ ପାତ୍ର, ଭୀମସେନ ପାତ୍ର, ଯଶୋବନ୍ତ ପାତ୍ର, ମୁକେଶ ସଏ, ଚନ୍ଦନ ଦାସ, ଭୁଲୁ ପାତ୍ର, ଇଶ୍ୱର ସଏ, ଦିଲ୍ଲୀପ ମୁଣ୍ଡା, ଦିଲ୍ଲିପ ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଘସିପୁରା ହରିବୋଲ ସଂଘର ପ୍ରତିଭା ସମ୍ମାନ ସମାରୋହ



ଆନନ୍ଦପୁର, ୨୫।୨(ସମିସ): ସଂସ୍କୃତି ଭବନରେ ଘଷିପୁରା ହରିବୋଲ ସଂଘର ପ୍ରତିଭା ସମ୍ମାନ ଉତ୍ସବ ଉପଦେଷ୍ଟା ପଣ୍ଡିତ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ବୈକୁଣ୍ଠ ଦାଶ, ତୁଳସି ମହାନ୍ତ ସୁବାସଚନ୍ଦ୍ର ପଲେଇ, ବାୟକ ନବକିଶୋର ପତି, ଜଗବନ୍ଧୁ ଶର୍ମା, ସଂଗୀତ ଜୟଦେବ ନାୟକ କୁଞ୍ଜବିହାରୀ ବିଶ୍ୱାଳ ଗୋପାଳ ଚନ୍ଦ୍ର ମହାରଣା ଭଗବାନ୍ ବେହେରା ଚିନ୍ତାମଣି ପାଣିଗ୍ରାହୀ ଶୁକଦେବ ରଣା, କଣ୍ଠଶିଳ୍ପୀ ସମ୍ମାନ ସୁଶ୍ରୀ ଅଭିଲିପ୍ସା ତ୍ରିପାଠୀ ଶକୁନ୍ତଳା ବିଶ୍ୱାଳ, ସାମ୍ବାଦିକ ମଦନ ମୋହନ ପାଣି, ସତ୍ୟଜିତ ସାହୁ, ସତ୍ୟରଞ୍ଜନ ଦାସ, ସଙ୍ଗୀତଜ୍ଞ ଗୁରୁଶ୍ରୀ ନନ୍ଦକିଶୋର ଦାସ, ସମାଜସେବୀ ରମେଶଚନ୍ଦ୍ର ସାହୁ, ଅଭିନେତ୍ରୀ ସୁଭଦ୍ରା ମହାନ୍ତି (ମିଲି), ନୃତ୍ୟଗୁରୁ ସମ୍ମାନଗୁରୁ ପାର୍ଥସାରଥୀ ଦାଶ (ଜିତୁ), ଉପସ୍ଥାପିକା ସମୟଶ୍ରୀ ଚାଟାର୍ଜୀ, ବାଣୀପୁତ୍ର ସମ୍ମାନ ଡ. ଧୀରେନ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସୁବାଶିଷ ଶତପଥୀ, ଜିତୁ ରାଉତ ପରିଚାଳନା କରିଥିଲେ।

# ସିଙ୍ଗଡୋଭ ୧୨ ନଂ ୱାର୍ଡ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଅସନ୍ତୋଷ

ହାଟଡ଼ିହୀ,୨୫।୨(ସମିସ): ହାଟଡ଼ିହୀ ବ୍ଲକ୍ ସିଙ୍ଗଡୋଭ ଗ୍ରାମ ୧୨ନଂ ୱାର୍ଡରେ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଅଯଥା ବିଳମ୍ବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗ ଅନୁଯାୟୀ, ସିଙ୍ଗଡୋଭ ଗ୍ରାମରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଓମ୍ବାଡ଼ସୀ ତରଫରୁ



ଅନୁଦାନ ଯୋଗାଇ ଦିଅଯାଇଥିଲା। ଅଙ୍ଗନବାଡ଼ି ଘର ନଥିବାରୁ ପିଲାମାନେ କେତେବେଳେ ନିକଟସ୍ଥ ସ୍କୁଲ ବାରଣ୍ଡାରେ ତ କେତେବେଳେ ଗାଁ ମୁଣ୍ଡ ବରଗଛ ତଳେ ବସି ପାଠ ପଢୁଥିଲେ। ମୋଟ ୩୦ଜଣ ଶିଶୁଙ୍କ ମଧ୍ୟରୁ ପୁରୁଣା ସିଙ୍ଗଡୋଭ ୧୨ନଂ ୱାର୍ଡ଼ର ୨୭ଜଣ ଶିଶୁ ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବାରୁ ଗ୍ରାମବାସୀ ତାଙ୍କ ୱାର୍ଡ଼ରେ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ଦାବି କରିଥିଲେ। ଏପରିକି ରାଜସ୍ୱ ନିରୀକ୍ଷକ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ସ୍ଥାନ ପରିଦର୍ଶନ କରି ଖାତା ନମ୍ବର ୩୬୬ ପ୍ଲଟ-ନଂ ୧୨୫୫ର ୧୨ଡ଼ିସିମିଲ ପତିତ କିସମ ଜମିରୁ ୬ ଡ଼ିସିମିଲ ଜମିରେ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ତହସିଲଦାରଙ୍କୁ ଜଣାଇବା ପରେ ତହସିଲଦାରଙ୍କ ଚିଠି-ନଂ ୫୭୨୯ ତା ୮/୧୨/୨୦୨୫ରେ ସିଡ଼ିପିଓଙ୍କୁ ଜଣାଇଥିଲେ। ସିଡ଼ିପିଓ ଏନେଇ ତାଙ୍କ ଚିଠି-ନଂ ୧୨୦୫ ତା ୧୭.୧୨.୨୦୨୫ରେ ବିଡ଼ିଓଙ୍କୁ ଅବଗତ କରାଇ ନୂତନ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ଜଣାଇଥିଲେ। ମାତ୍ର ମାସାଧିକାଳ ଅତିକ୍ରାନ୍ତ ହୋଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଛୁଆମାନେ ସ୍କୁଲ ବାରଣ୍ଡାରେ ବସୁଛନ୍ତି ବୋଲି ରେଣୁକା ଖଟୁଆ, ଫୁଲମଣି ବେହେରା, କାନ୍ଦୁରୀ ବେହେରା, ଗୁର ବେହେରା, ବେଣୁଧର ଖଟୁଆ, ବିଜୟ କୁମାର ବେହେରା, ଶ୍ରୀଧର ଖଟୁଆ, ବିଚିତ୍ର ବେହେରା, କାଳନ୍ଦୀ ବେହେରା, ପବନା ବେହେରା, ପୂର୍ଣ୍ଣଚନ୍ଦ୍ର ଖଟୁଆ, ନିରଞ୍ଜନ ବେହେରା, ବୀରଭଦ୍ର ବେହେରା, ଦୁର୍ଯ୍ୟୋଧନ ଖଟୁଆ, କୀର୍ତନ ବେହେରା, ହୃଷିକେଶ ଖଟୁଆ, ସାଗର ଖଟୁଆ, କୃଷ୍ଣଚନ୍ଦ୍ର ବେହେରା, ଚିନ୍ମୟ ଖଟୁଆ, ରଞ୍ଜନ ବେହେରା, ବିଦ୍ୟାଧର ବେହେରା, ବାସୁଦେବ ବେହେରା, ପ୍ରହ୍ଲାଦ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଏହାପରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜାଗା ଚିହ୍ନଟ ପରେ ଗୃହ ନିର୍ମାଣକୁ ନେଇ ଉଭୟ ୱାର୍ଡ଼ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ପିଲାମାନେ ୧୧ୱାର୍ଡ଼ ଅଧୀନରେ ପଢ଼ିଆସୁଥିଲେ କ୍ଷ ବର୍ତ୍ତମାନ ନୂତନ ଗୃହ ନିର୍ମାଣ ପାଇଁ ଚିହ୍ନଟ ଜାଗାଟି ୧୨ନଂ ୱାର୍ଡ଼ ମଧ୍ୟରେ ଅନ୍ତର୍ଭୁକ୍ତ ଥିବାରୁ ୧୧ନଂ ୱାର୍ଡ଼ ବାସିନ୍ଦା ସେଠାରେ ଗୃହ ନିର୍ମାଣ ପାଇଁ ଅମଙ୍ଗ ହେଉଛନ୍ତି। ୱାର୍ଡ଼ ନଂ ୧୨ ବାସିନ୍ଦାଙ୍କ କହିବାନୁସାରେ, ୧୧ନଂ ୱାର୍ଡ଼ରୁ ହାତଗଣତି ୩/୪ଟି ପିଲା ଅଙ୍ଗନବାଡ଼ିରେ ପଢୁଥିବା ବେଳେ ୧୨ନଂ ୱାର୍ଡ଼ରୁ ୨୫ରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। ତେବେ ସିଡ଼ିପିଓ, ଡ଼ିଏସଡବ୍ଲ୍ୟୁଙ୍କ କହିବା ସହ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଯେଉଁ ୱାର୍ଡ଼ରେ ପିଲା ସଂଖ୍ୟା ଅଧିକ ସେଠାରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯିବା ଉଚିତ୍। ବର୍ତ୍ତମାନ ୧୧ନଂ ୱାର୍ଡ଼ ବାସିନ୍ଦାଙ୍କ ଅମଙ୍ଗ ନୀତି ପାଇଁ ଗୃହ ନିର୍ମାଣରେ ବିଳମ୍ବ ହେଉଥିବା ଦେଖାଯାଇଛି। ଉଭୟ ୱାର୍ଡ଼ର ମୁରବୀ ଲୋକଙ୍କ ଜିଦ୍ ପାଇଁ ପିଲାଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ବସିଛି। ଏସମ୍ବନ୍ଧରେ ଉଭୟ ୱାର୍ଡ଼ବାସୀ ଆଜି ବିଡ଼ିଓ ଏବଂ ସିଡ଼ିପିଓଙ୍କୁ ଭେଟିଥିଲେ। ଗୁରୁବାର ଜିଲ୍ଲା ମୁଖ୍ୟାଳୟରୁ ଡ଼ିଏସଡବ୍ଲ୍ୟୁ ଆସି ଉଭୟ ୱାର୍ଡ଼ବାସିନ୍ଦାଙ୍କ ଉପସ୍ଥିତିରେ ସ୍ଥାନ ନିରୂପଣ କରିବା ପରେ ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ପାରିବ ବୋଲି ଆଶା କରାଯାଇଛି। ଏଥିସହ ଉପରୋକ୍ତ ୧୨ନଂ ୱାର୍ଡ଼ର ଅଭିଯୋଗକାରୀ ବାସିନ୍ଦା ଆଜି ମଧ୍ୟାହ୍ନରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଉଭୟ ୱାର୍ଡ଼ବାସୀଙ୍କୁ ସୁହାଇଲା ପରି ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ପାଇଁ ଜାଗା ନିର୍ଦ୍ଧାରିତ ହୋଇଥିଲେ ସୁଦ୍ଧା ଉଭୟ ୱାର୍ଡ଼ର ମୁରବୀଙ୍କ ନିଷ୍ପତ୍ତିରେ ପୂର୍ଣ୍ଣଚ୍ଛେଦ ପଡୁ ନଥିବାରୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଆଗାମୀ ୭ଦିନ ମଧ୍ୟରେ ଏଭଳି ଅନ୍ତର୍ନିହିତ ସମସ୍ୟାର ସମାଧାନ ନହେଲେ ୧୨ନଂ ୱାର୍ଡ଼ ବାସିନ୍ଦା ଅଧ୍ୟୟନରତ ସେମାନଙ୍କ କୁନି କୁନି ପିଲାଙ୍କୁ ସାଙ୍ଗରେ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିବେ ବୋଲି ପତ୍ର ମାଧ୍ୟମରେ ଉଭୟ ବିଡ଼ିଓ ଓ ସିଡ଼ିପିଓଙ୍କୁ ଅବଗତ କରାଇଛନ୍ତି।

➤ ବିଡ଼ିଓ, ସିଡ଼ିପିଓଙ୍କୁ ଭେଟିଲେ ଉଭୟ ୱାର୍ଡବାସୀ
➤ ଗୁରୁବାର ଡିଏସ୍ଡବ୍ଲ୍ୟୁଙ୍କ ସ୍ଥାନ ପରିଦର୍ଶନ

# ମହୁଲିମଦ ଜବତ; ୩ ଗିରଫ




ହାଟଡ଼ିହୀ,୨୫।୨(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍ ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଥାନା ଓ ଆନନ୍ଦପୁର ଥାନା ଅନ୍ତର୍ଗତ ପୁରୁଣାଘାଟୀ, ଚୋରଗଡିଆ, ପଢ଼ିଆରିପଲ୍ଲୀ, ବାହିଆ ବଡ଼ଦାଣ୍ଡ ଅଞ୍ଚଳରେ ଚଢ଼ଉ କରିଥିଲେ। ଏଥିରେ ୪୧ଲିଟର ଦେଶୀ ମହୁଲିମଦ ଜବତ କରିବା ସହ ଉକ୍ତ ଗ୍ରାମର ସନାତନ ହୋ, ଶ୍ରୀକାନ୍ତ ପାତ୍ର, ମିନା ହୋଙ୍କୁ ଗିରଫ କରାଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ, ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା, ଷ୍ଟାଫ୍ ମାନେ ସାମିଲ ଥିଲେ। ଏନେଇ ହାଟଡିହୀ ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ଇଟାଭାଟି ଧୂଆଁ ଓ ପ୍ରଦୂଷଣରେ ସୀତାଡ଼ିହା ଗ୍ରାମବାସୀ କଲବଲ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କାରଣଦର୍ଶାଅ ନୋଟିସ

ରୁପସା, ୨୫।୨ (ସମିସ)

ବାଲେଶ୍ୱରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଥିବା ବେଳେ ବସ୍ତା ବ୍ଲକ ନାବରା ପଞ୍ଚାୟତ ସୀତାଡ଼ିହା ଗ୍ରାମରେ ଥିବା ଏକାଧିକ ଇଟା ଭାଟି ପାଇଁ ସ୍ଥାନୀୟଅଞ୍ଚଳରେ ଧୂଳି ଓ ପ୍ରଦୂଷଣ ଦିନକୁ ଦିନ ବଢ଼ିଚାଲେ ଲାଗିଛି। ଯାହା ଫଳରେ ଲୋକେ କଲବଲ ହେଉଛନ୍ତି। ଏହି ଗ୍ରାମରେ ଥିବା ଏକାଧିକ ଇଟାଭାଟି ଏବେ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ଏହି ଗ୍ରାମରେ ଥିବା ଦେବୀ ଓ ବେଷ୍ଟ ସହିତ ଏକାଧିକ ଇଟାଭାଟି ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପ୍ରଶାସନ ତରଫରୁ କୌଣସି ଅଙ୍କୁଶ ନଥିବାରୁ ଏହି ଇଟାଭାଟି ପାଇଁ ବେଆଇନ ଭାବେ ଚାଷଜମିରୁ ହଜାର ହଜାର ଟ୍ରିପ ମାଟି ଓ ନିକଟସ୍ଥ ନଦୀ ଓ ନାଳରୁ ବାଲି ଚୋରି କରାଯାଉଛି। ଏହି ଇଟାଭାଟି କୁ ଇଟା ନବାପାଇଁ ପ୍ରତିଦିନ ଶହଶହ ଭାରିଯାନ ଚଳପ୍ରଚଳ କରୁଛନ୍ତି। ଯାହାଫଳରେ କୋଟିକୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଉଥିବା ରାସ୍ତାସବୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଏହି ଇଟାଭାଟିକୁ ଅହରହ ଚଳପ୍ରଚଳ କରୁଥିବା ଯାନବାହନ



ଶବ୍ଦରେ ଲୋକେ ରାତିରେ ସୋଇପାରୁନାହାନ୍ତି କି ପିଲା ମାନେ ପାଠ ପଢ଼ିପାରୁନାହାନ୍ତି। ଦିନରେ ରାସ୍ତାରୁ ଧୂଳି ଉଡ଼ି ଧୂଆଁଳିଆ ପରିବେଶ ସୃଷ୍ଟି ହେଉଛି ଏବଂ ବାୟୁ ମଣ୍ଡଳକୁ ପ୍ରଦୂଷଣ ମଧ୍ୟ କରୁଛି। ଉକ୍ତ ଭାଟିର ନିକଟରେ ଥିବା ଲୋକ ଓ ଛୋଟ ପିଲା ମାନେ ବିଭିନ୍ନ ପେଟ ରୋଗ ଓ ଚର୍ମ ରୋଗର ଶିକାର ହେବା ସହିତ ଯାତାୟାତ ସମୟରେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ସବୁ ଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ବିନା କାଗଜ ପତ୍ର ଓ ବିନା ସରକାରୀ ଅନୁମତିରେ ଦେବୀ ଓ ବେଷ୍ଟ ଭାଟି ମିଶି ବର୍ଷକୁ ୫୦ରୁ ୬୦ ଲକ୍ଷ ଇଟା ପୁଡୁଥିବା ବେଳେ ଅନ୍ୟ ଭାଟି ମାନେ ମଧ୍ୟ ୧୦ ଲକ୍ଷରୁ ଅଧିକ ଇଟା ବର୍ଷକୁ ପୋଡ଼ି ବିକ୍ରିପାଇଁ ମହଜୁଦ ରଖୁଛନ୍ତି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ଭାଟି ମାଲିକ ମାନେ ସ୍ଥାନୀୟ ଅଞ୍ଚଳର ଅନାବାଦୀ ଓ ଗୋଚର ଜମିକୁ ନିଜ କବଜାରେ ରଖି ଥିବାରୁ ଗୋରୁ ଗାଈମାନେ ଚରି ପାରୁ ନାହାନ୍ତି। ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଯବାନ ଏହି ଘଟଣା ସମ୍ପର୍କରେ ନିଜର ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଚିଠି ଆସିବା ପରେ ଏବେ ବାଲେଶ୍ୱର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କିଛି ଇଟା ଭାଟି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରା ଯାଇଛି। ମାତ୍ର ଏହି ଭାଟି ସବୁକୁ ତୁରନ୍ତ ବନ୍ଦ କରାଯାଉ ବୋଲି କିସାନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୭ ଦିନ ଭିତରେ ଏହି ଇଟାଭାଟି କୁ ବନ୍ଦ କରାନଗଲେ ଆନ୍ଦୋଳନମୂଳକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନର ଜିଲ୍ଲା ସଭାପତି ଜିତେନ୍ଦ୍ର ମହାରଣା କଡ଼ା ଚେତାବନୀ ଦେଇଛନ୍ତି।

● ଶିକ୍ଷୟିତ୍ରୀଙ୍କୁ ରାତି ଅଧିଆ ବଦଳି

## ଧାରଣାରେ ବସିଲେ ଅଭିଭାବକ ଓ ଛାତ୍ରଛାତ୍ରୀ



ଖଇରା, ୨୫।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ ସୋଜାଗଡ଼ ୟୁପି ସ୍କୁଲରେ ଜଣେ ଶିକ୍ଷୟିତ୍ରୀଙ୍କୁ ରାତି ଅଧିଆ ବଦଳି କରାଯିବା ପ୍ରତିବାଦରେ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ନେତୃତ୍ୱରେ ଅଭିଭାବକ ଓ ଛାତ୍ରଛାତ୍ରୀ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ। ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ ଧାରଣାସ୍ଥଳକୁ ଯାଇ ନୂତନ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ପ୍ରତିଶ୍ରୁତି ଦେବା ପରେ ଅଭିଭାବିକା ଅଭିଭାବକ ମାନେ ଧାରଣାରୁ ଉଠିଥିଲେ। ଏବେ ବିଦ୍ୟାଳୟରେ ୨ଜଣ ଶିକ୍ଷୟତ୍ରୀ ଓ ଶିକ୍ଷକ ଇତିଶ୍ରିତା ସେଠୀ ଓ ଲକ୍ଷ୍ମୀଧର ମହାନ୍ତି ନିଯୁକ୍ତ ଥିବା ବେଳେ ଇଙ୍ଗଳରେ ଇତିଶ୍ରିତାଙ୍କୁ ବଦଳି କରିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଚିଠି କରିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୁଷ୍ଟ ହୋଇ ପଡ଼ିଥିଲେ। କମିଟି ସଭାପତି ଅଶେଷ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଉପସଭାପତି ରାତାରାଣୀ ମଲ୍ଲିକ, ମହେନ୍ଦ୍ର ଦାସ, ଗୌରାଙ୍ଗ ଦାସ, ଯଶୋଦା ପରିଡ଼ା, ପ୍ରମିଳା ମହୁରା, ଛତିଶ୍ରୀ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ପ୍ରତିକ୍ରିୟା ନେବାରେ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାକୁ ଇତିଶ୍ରିତାଙ୍କୁ ୩ଥର ଚିଠି କରାଯାଇସାରିଥିଲେ ହେଁ ସେ ନେଉନଥିବାରୁ ୩ ମାସ ହେଲା ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ଉଠାଯାଇପାରୁନାହିଁ। ଅଧିକାରୀଙ୍କୁ ଅବମାନନା ପାଇଁ ତାଙ୍କୁ ଡେପୁଟେସନରେ ଘୁଷୁରୀଗଡ଼ିଆ ସ୍କୁଲ ବଦଳି କରାଯାଇଥିବା କହିଛନ୍ତି।

# ୧୯ କୋଟିରେ ନିର୍ମିତ ହେବ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ

ଜଳେଶ୍ୱର, ୨୫।୨ (ସମିସ) : ଜଳେଶ୍ୱରରୁ ଦୀଘା, ଚନ୍ଦନେଶ୍ୱର, ରାଇବଣିଆ, ପୁରୀ, ଭୁବନେଶ୍ୱର, କଟକ, କେଉଁଝର, ରାଉରକେଲା, ବାଲେଶ୍ୱର, ଧାମରା, ବାଲିଆପାଳ, କୋଲକତା, ଦୁର୍ଗାପୁର, ମେଦିନୀପୁର, ଖଡଗପୁର, କାନ୍ଠି ଇତ୍ୟାଦି ସ୍ଥାନକୁ ପ୍ରତିଦିନ ଶତାଧିକ ବସ୍ ଯାତାୟାତ କରୁଥିବା ବେଳେ ବସ୍‌ମାନଙ୍କର ରହଣି କିମ୍ବା ଅଟକିବାଲାଗି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିଲା। ଫଳରେ ବସ୍‌ଗୁଡିକ ଜଳେଶ୍ୱର ଷ୍ଟେସନବାଜର ରାସ୍ତା ଉପରେ ଛିଡାହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା। ବସ୍ କର୍ମଚାରୀ ଓ ସ୍ଥାନୀୟ ବସ୍ ମାଲିକ ସଂଘ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଦୂରଦୂରାନ୍ତକୁ ଯାଉଥିବା ଯାତ୍ରୀମାନେ ବସ୍ ଭଡା କିମ୍ବା ଆସିବା-ଯିବା ସମ୍ପର୍କରେ କୌଣସି ସୂଚନା ପାଇ ପାରୁନଥିଲେ। ଏପରିକି ସର୍ବନିମ୍ନ ସୁବିଧା ଶୌଚାଳୟ, ସ୍ନାନାଗାର, ପ୍ରେକ୍ଷାଳୟ, ଭୋଜନାଳୟ, ପିଇବାପାଣିର ମଧ୍ୟ କୌଣସି ବ୍ୟବସ୍ଥା ହୋଇପାରୁନଥିଲା। ବସ୍ ମାଲିକ ସଂଘ, ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନ ମାନଙ୍କ ପକ୍ଷରୁ ବିଭିନ୍ନ ଫୋରମ୍‌ରେ ଦାବୀ ପରେ ଏବେ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥସ୍ଥିତ କୋର୍ଟ ସମ୍ମୁଖ ସ୍ଥାନରେ ବସ୍‌ଷ୍ଟାଣ୍ଡ ଖୁବ୍‌ଶୀଘ୍ର ନିର୍ମାଣ ହେବାକୁ ଯାଉଛି। ବାଣିଜ୍ୟକର ବିଭାଗର ୩.୦୫ ଡିସିମିଲ ଜମି ଉପରେ ଏହା ନିର୍ମାଣ ହେବାଲାଗି ଓଡ଼ିଶା ଷ୍ଟେଟ୍ ପୁଲିସ୍ ହାଉସିଂ ଏଣ୍ଡ ୱେଲଫେୟାର କର୍ପୋରେସନ୍ ଲିମିଟେଡକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁଲିସ୍ ହାଉସିଂ ବୋର୍ଡ ଗତ ଜାନିଆରୀ ୩୦ ତାରିଖ ଦିନ ଚିଠି ନଂ ୧୯୦୦ ମୂଳେ ଧାନବାଦର ଏମ୍. ଏସ୍ ଏମ୍.ଏ କମ୍ପାନୀକୁ ଏହାର ନିର୍ମାଣ ଲାଗି ଦାୟିତ୍ୱ ଦେଇଛନ୍ତି। ବସ୍‌ଷ୍ଟାଣ୍ଡ ଲାଗି ୩.୦୫ଏକର ସ୍ଥାନ ତହସିଲଦାରଙ୍କ ପକ୍ଷରୁ ଚିହ୍ନଟ ସରିଛି। ୧୮ ମାସ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ମାଣ ଲାଗି ମୋଟ ୧୮କୋଟି ୯୧ଲକ୍ଷ ୪୭ହଜାର ୨୦୬ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ବସ୍ ଗୁଡିକ ରେଳ ଷ୍ଟେସନ ନିକଟକୁ ଯିବାକୁ ପଡୁଥିବାରୁ ସେଠାରେ ଏକ ଛୋଟ ବସ୍‌ଷ୍ଟାଣ୍ଡର ଆବଶ୍ୟକ ରହିଥିବା ସମ୍ପର୍କରେ ବସ୍ ମାଲିକ ସଂଘ ସଭାପତି ସୁଧିର କୁମାର ମହାନ୍ତି କହିଛନ୍ତି।

# ଜିଲ୍ଲାସ୍ତରୀୟ କ୍ରିକେଟ; କଟକ ରୋଟାରୀ କ୍ୟାଣ୍ଟନମେଣ୍ଟ କ୍ଲବ ବିଜେତା

ଜଳେଶ୍ୱର, ୨୫।୨(ସମିସ): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ଶାନ୍ତିଆ ପଡ଼ିଆ ନେତାଜୀ ଷ୍ଟାଡିୟମରେ ଏକଦିବସୀୟ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ରୋଟାରୀ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ (ଡିସଟ୍ରିଷ୍ଟ ଗଭର୍ଣ୍ଣର) ମନୋଜ କୁମାର ତ୍ରିପାଠୀ ସହ ରୋଟାରୀ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଧ୍ୟକ୍ଷ ବିକ୍ରମ କେଶରୀ ବେହେରା, ଜଳେଶ୍ୱର କ୍ଲବ ସଭାପତି ସୁବୀର କୁମାର ସେନାପତି, ସହ -ଉପାଧ୍ୟକ୍ଷ ରାଜକିଶୋର ହୁଇ, ଜଳେଶ୍ୱର କ୍ରିକେଟ ଟିମ ଅଧିନାୟକ ରାଜେଶ କୁମାର ଖଟୁଆ ସହ ଜଳେଶ୍ୱର ରୋଟାରୀ କ୍ଲବର ସଦସ୍ୟ ବାଲେଶ୍ୱର ରୋଟାରୀ ଅନ ସି କ୍ଲବ ସଭାପତି ମହମ୍ମଦ ମୁକ୍ତାର ଅହମ୍ମଦ ଖେଳକୁ ଉଦଘାଟନ କରି ରୋଟାରୀ ଜିଲ୍ଲାର ବିଭିନ୍ନ କ୍ଲବ ସଦସ୍ୟଙ୍କୁ ଉତ୍ସାହିତ କରି ସମାଜ ସେବା ସହ ଭାଇଚାରାରେ ଖେଳୁଆଡ ମନୋଭାବକୁ ପ୍ରଶଂସା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଜଳେଶ୍ୱର ରୋଟାରୀ କ୍ଲବ କ୍ରିକେଟ ଟିମ୍, ବାଲିଆପାଳ ରୋଟାରୀ କ୍ଲବ କ୍ରିକେଟ ଟିମ, କଟକ



କ୍ୟାଣ୍ଟନମେଣ୍ଟ କ୍ଲବ କ୍ରିକେଟ ଟିମ, ବାରିପଦା ରୋଟାରୀ କ୍ଲବ, ବାଲେଶ୍ୱର ରୋଟାରୀ ଅନ ସି କ୍ଲବ ମଧ୍ୟରେ ଚିତ୍ତାକର୍ଷକ ଖେଳ ହୋଇଥିଲା। ଫାଇନାଲରେ କଟକ କ୍ୟାଣ୍ଟନମେଣ୍ଟ ରୋଟାରୀ କ୍ଲବ ଟିମ ଓ ବାଲିଆପାଳ ରୋଟାରୀ କ୍ଲବ ଟିମ ମଧ୍ୟରେ ଲଢୁଆ ଖେଳରେ କଟକ କ୍ୟାଣ୍ଟନମେଣ୍ଟ କ୍ଲବ ଟିମ ବିଜେତା ହୋଇଥିଲେ। ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ କଟକ କ୍ୟାଣ୍ଟନମେଣ୍ଟ କ୍ଲବକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜଳେଶ୍ୱର ରୋଟାରୀ କ୍ଲବର ସମ୍ପାଦକ ଅଂଶୁମାନ ରାଉତ, ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ପ୍ରାକ୍ତନ ସଭାପତି ସୁବ୍ରତ କୁମାର ରଣା, ପ୍ରବୀର କୁମାର ପ୍ରଧାନ, ବିକାଶ କୁମାର ଧର, ନିତ୍ୟ ଗୋପାଳ ଦାସ, ପ୍ରଭାତ କୁମାର ସାହୁ, ତାରାପଦ ମହାନ୍ତି, ମଣିଭଦ୍ର ଜେନା, ପ୍ରଫୁଲ୍ଲ କୁମାର ଦାସ, ଅଶୋକ କୁମାର ମହାନ୍ତି, ନନ୍ଦନ କୁମାର ଦତ, ଦୀପକ କୁମାର ସାହୁ ସହ ରୋଟାରିଆନ ମାନସ ରଞ୍ଜନ ମହାନ୍ତି, ଅଶୋକ ମିଶ୍ର, ଶ୍ୟାମସୁନ୍ଦର ମିର୍ଦ୍ଧା, ନିର୍ମଳ ରାଜ, ସମ୍ବିତ କୁମାର ପ୍ରଧାନ, ରିଙ୍କି ଗିରି, ଦିପ୍ତି ନନ୍ଦୀ, ଗୋପୀନାଥ ପ୍ରମାଣିକ, ସତ୍ୟବ୍ରତ ଜେନା, ଅଜିତ କୁମାର ପ୍ରଧାନ, ଲକ୍ଷ୍ମୀନାରାୟଣ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାଲି ମାଫିଆଙ୍କ ଭୂସ୍ୱର୍ଗ ଦକ୍ଷିଣ ପ୍ରହରାଜପୁର



ଜଳେଶ୍ୱରବ୍ଲକ,୨୫।୨(ସମିସ): ଜଳେଶ୍ୱର ତହସିଲ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ଓଲମରା, ମାକିଡିଆ, ଖୁଦିଆମାଝିସାହି, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଗ୍ରାମ ପଞ୍ଚାୟତ ଗୁଡ଼ିକ ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ରହିଛି ସେହି ଗ୍ରାମ ପଞ୍ଚାୟତ ମାନଙ୍କ ମଧ୍ୟରୁ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତ ଏବେ ଚୋରା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟି ଯାଇଛି। ସୁବର୍ଣ୍ଣରେଖାର ନଦୀର ପେଟ ଚିରି ରାତି ତମାମ ବାଲି ଉତ୍ତୋଳନ କରି ଉକ୍ତ ଗ୍ରାମର କେତେକ ବ୍ୟକ୍ତି ହଜାର ହଜାର ଟ୍ରିପ ବାଲି ଗଚ୍ଛିତ କରି ପରବର୍ତ୍ତୀ ସମୟରେ ସମୟ ସୁବିଧା ଦେଖି ଟ୍ରାକ୍ଟର ଓ ଡମ୍ପରରେ ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ଅନ୍ୟପଟେ ପ୍ରଶାସନ କାଁ ଭାଁ ବାଲି ଗାଡ଼ି ଜବତ କରି ଚୁପ୍ ବସି ଯାଉଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

# ଫେଲ୍ ମାରୁଛି ବସୁଧା ପାନୀୟ ଜଳ ଯୋଗାଣ

ଜଳେଶ୍ୱର ବ୍ଲକ, ୨୫।୨ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମାଗାଁ ଗ୍ରାମ ପଞ୍ଚାୟତର ଭଣ୍ଡାରପଲି ଗ୍ରାମର ମାଝିସାହି ଓ ଆଦିବାସୀ ସାହି ମିଶି ୭୦ ପରିବାରର ୩୦୦ ଲୋକ ବାସ କରିଥାନ୍ତି। ସେମାନଙ୍କ ପାଇଁ ଆଜି ବି ବସୁଧା ପିଇବା ପାଣି ସାତ ସପନ ପାଲଟି ଯାଇଛି। ହାତ ମଡା ନଳକୂପ ଓ ପୋଖରୀ ପାଣି ସେମାନଙ୍କ ପାଇଁ ସାହା ଭରସା ଯଦି ଅବା କିଛି ଲୋକଆଜିକୁ ୧୫ ବର୍ଷ ପୂର୍ବେ ପୁରୁଣା ପାଇପରେ ପାଣି ପାଉଥିଲେ ସେ ବି ନଷ୍ଟ ଅବସ୍ଥାରେ କୋଉଠି ନର୍ଦ୍ଦମା ପାଣି ଯାଉଛି ତ କେଉଠି ପାଣିର ନା ଗନ୍ଧ ନାହିଁ ଏହି ଦୂଷିତ ପାଣି ବ୍ୟବହାର କରି ଲୋକେ ଏବେ ଝାଡାବାନ୍ତି, ହଇଜା ରୋଗକୁ ଆମନ୍ତ୍ରଣ କହୁଛନ୍ତି। ଆଗାମୀ କିଛି ଦିନ ମଧ୍ୟରେ ଯଦି ଗ୍ରାମକୁ ସ୍ୱଚ୍ଛ ପିଇବା ପାଣିର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ରାଇବଣିଆ ଚାଫଲା ମୁଖ୍ୟ ରାସ୍ତାକୁ ଅବରୋଧ କରି ପ୍ରତିବାଦ କରାଯିବ ବୋଲି ଗ୍ରାମର ଅନନ୍ତ କୁମାର ଘୋଷ, କୀର୍ତ୍ତି ବାସ ବେହେରା, ବେଣୁଧର ବେହେରା, ନବୀନ ପରିଡ଼ା, ରାଜେଶ୍ ବେହେରା, ସୁଧୀର ବେହେରା, ଲକ୍ଷ୍ମୀଧର ବେହେରା, ସଞ୍ଜୟ ମୁଖୀ, ସାହେବ ବିଶ୍ୱାଳ, ଭବେସ ବିଶ୍ୱାଳ, ପରେଶ୍ ବିଶ୍ୱାଳ, ସାମଲ ମାରାଣ୍ଡି, ସାକଲା ମୁର୍ମୁ, ସାମୀୟା ମୁର୍ମୁ, ଜିତ୍ରାୟ ଟୁଡୁ, କିଆର ଟୁଡୁ, ବିଶ୍ୱନାଥ ପାତ୍ର, ତପନ ଘୋଷ, କାଳାଚାନ୍ଦ ପାତ୍ର, ଇନ୍ଦ୍ରଲାଲ ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

# ଟିପିଏନ୍‌ଓଡିଏଲ ପକ୍ଷରୁ ନୈତିକତା ସପ୍ତାହ ପାଳିତ

ବାଲେଶ୍ୱର, ୨୫।୨(ସମିସ): ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ) ପକ୍ଷରୁ ଟାଟା ଗ୍ରୁପର ପ୍ରତିଷ୍ଠାତା ଜେ.ଏନ ଟାଟାଙ୍କ ଜନ୍ମ ଜୟନ୍ତୀ କର୍ପୋରେଟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଛି। ଏହା ସହ ନୈତିକତା ସପ୍ତାହର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀଅଧିକାରୀ ଗଜାନନ କାଲେ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ସହ



ସର୍ବଦା ନୀତି ଓ ଆଦର୍ଶରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ଜେ.ଏନ ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ତଥା ଉପଭୋକ୍ତାମାନଙ୍କ ପ୍ରତି ସର୍ବଦା ସ୍ପର୍ଶକାତର ମନୋଭାବ ପ୍ରଦର୍ଶନ କରିବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସର୍ବୋପରି ଏହି ଉତ୍ସବ କେବଳ ଜନ୍ମଜୟନ୍ତୀ ପାଳନ ନୁହେଁ, ବରଂ ପ୍ରତ୍ୟେକ କର୍ମଚାରୀଙ୍କୁ ଟାଟା ଗ୍ରୁପର ନୀତି, ଆଦର୍ଶ ଓ ସମାଜ ପ୍ରତି ଦାୟିତ୍ୱକୁ ରୋମନ୍ଥନ କରିବାର ଏକ ପ୍ରୟାସ ବୋଲି ମତ ରଖିଥିଲେ। ସେହିପରି ନୈତିକତା ସପ୍ତାହ ପାଳନ ଅବସରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ୍, କୁଇଜ୍ ଆଦି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। କର୍ମଚାରୀମାନଙ୍କ ମଧ୍ୟରେ ନୀତି, ନୈତିକତା ଓ ପାରଦର୍ଶିତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିବା ବେଳେ ସପ୍ତାହର ଉଦଯାପନୀ ଦିବସରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଏଫଓ ଶିଳାଦିତ୍ୟ ସେନଗୁପ୍ତା, ଚିଫ୍ ଅପରେସନ ନିଲେଶ ପୋଟଫଡେ, ଚିଫ୍ କମର୍ସିଆଲ ଜୟଦୀପ ରୟ, ଚିଫ୍ କଣ୍ଟ୍ରାକ୍ଟ୍ସ ଭିପିନ ଚୌହାନ, ଫାଇନାନ୍ସ ଜିଏମ ସଞ୍ଜୀବ ସାହୁ, ହେଡ୍ ଏଚଆର ରମେନ୍ଦ୍ର ନାରାୟଣ ବଣିକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

କାଳିପଦା, ୨୫।୨ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ




ଗୈରାଙ୍ଗ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ସୁରକ୍ଷା ବିଷୟରେ ନିଜର ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସୁଦର୍ଶନ ରଣା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ଅଧ୍ୟାପିକା ଶୁଭସ୍ମିତା ନନ୍ଦ, ପ୍ରାଣି ବିଭାଗ ବିଜ୍ଞାନ ବିଭାଗର ଅଧ୍ୟାପିକା ପୁଷ୍ପା ବିରୋଲି, ଶୁଭ୍ରାଂଜଳି ରାଉତ ଓ ରାସାୟନିକ ବିଜ୍ଞାନ ବିଭାଗର ଅଧ୍ୟାପିକା ମେଘମାଳା ପଡ଼ିଆରୀ ମଧ୍ୟ ଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମାଜରେ ସେମାନଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଲିପ୍ସା ପାଲ ଛାତ୍ରୀ ମାନଙ୍କୁ ବୈବହାରିକ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଡିଲିଂ ଆସିଷ୍ଟାଣ୍ଟ ବିଶ୍ୱ ନାଥ ସାମଲ ପରିଚାଳନା କରିଥିଲେ। ଶେଷ ପ୍ରବକ୍ତା ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପିକା ପାର୍ବତୀ ମୁର୍ମୁ ଧନ୍ୟବାଦ ଅର୍ପଣ କରି ଥିଲେ।

# ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ବୈଠକ

ବାଲେଶ୍ୱର,୨୫।୨(ସମିସ): ବାଲିଆସ୍ଥିତ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପରିସରରେ ଏକ ବୈଠକ ଚେୟାରମ୍ୟାନ ଜଗଦିଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିଥି ଭାବେ ସହକାରୀ ଯୁଗ୍ମ ସମ୍ପାଦକ ଆଶିଷ ଦେସ,ଅକ୍ଷୟ କୁମାର ଜେନା, ଭରତଚନ୍ଦ୍ର ସେଠୀ, କନଭେନର ସପନ ଦାସ, କୋଷାଧ୍ୟକ୍ଷ ତପନ କୁମାର ବେହେରା, ରବିନ୍ଦ୍ର ନାଥ ବେରା, ସତ୍ୟନାରାୟଣ ବେହେରା, ହରିଶଙ୍କର ଦାସ, ରାମଚନ୍ଦ୍ର




ଶାସମଲ, ରାମକୃଷ୍ଣ ପାତ୍ର, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବାଲେଶ୍ୱର ସର୍କଲ ଅଧୀନରେ ଥିବା ପାଞ୍ଚଟି ଡିଭିଜନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଏହି ବୈଠକରେ ୟୁନିୟନ ପଦବୀକୁ ନେଇ ଥିବା ଦ୍ୱନ୍ଦ ଉପରେ ଆଲୋଚନା କରାଯିବା ସହ ଏହାର ସମାଧାନ ମଧ୍ୟ କରାଯାଇଥିଲା। ଏହାଛଡା ବିଭିନ୍ନ ଏଜେନ୍ସିମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଶ୍ରମିକ ମାରଣା ନୀତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

# ସୀତାରାମ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି

ଭୋଗରାଇ,୨୫।୨(ସମିସ): ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତ ଅନ୍ତର୍ଗତ ସୁଖଷଣ୍ଡା ଗ୍ରାମସ୍ଥିତ ସୀତାରାମ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଭାଗବତ ପଠନ, କଳସ ଶୋଭାଯାତ୍ରା, ପ୍ରତ୍ୟେକ ଦିନ ଜଗନ୍ନାଥ ମହାପ୍ରଭୁ , ରାମାୟଣ, ଭାଗବତ, ମହାବୀରଙ୍କ ଉପରେ ପ୍ରବଚନ ସମାହର, ବିଶ୍ୱଶାନ୍ତି ମହାଯଜ୍ଞ ଓ ଅନ୍ନ ମହୋତ୍ସବ ଆଦି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୁଚନା ଦିଆଯାଇଛି।। ଏ ନେଇ ସୀତାରାମ ହନୁମାନ ମନ୍ଦିର ପରିଚାଳନା କମିଟି, ଜଗନ୍ନାଥ କ୍ଲବ ଓ ସୁଖଷଣ୍ଡା ଗ୍ରାମବାସୀଙ୍କ ଆହ୍?ାନରେ ମନ୍ଦିର ପାଶ୍ୱର୍ସ୍ଥ ସୁଖଷଣ୍ଡା ରଥଯାତ୍ରା ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରବୀର ତୋଳା, ନିଖିଳ ତୋଳା, ଅରବିନ୍ଦ ତୋଳା, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଜୟନ୍ତ ତୋଳା, ପ୍ରଦୀପ ବେହେରା, ଖଗେନ୍ଦ୍ର ତୋଳା, ଅଜୟ ବେହେରା, ଅଶୋକ ତୋଳା, ଗୁଣାଧର ତୋଳା, ରାଧା ରଞ୍ଜନ ବାଣୁଆ, ଅମଲ ସାହୁ, ଶ୍ରୀକୁମାର ଘୋଷ, କୁମାରେଶ ତୋଳା, ରମେଶ ତୋଳା, ସୁଶୀଲ ବାଣୁଆ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରକ୍ତଦାନ ଓ ସ୍ୱାସ୍ଥ୍ୟସେବା ଶିବିର

ଖଇରା, ୨୫।୨ (ସମିସ): ଖଇରା ବ୍ଲକ ଅଧୀନ ଦେଉଳି ଛକସ୍ଥିତ ଏସଆର ଗ୍ରୁପ କାର୍ଯ୍ୟାଳୟ ପରିସରରେ ସାଇନିଂ ଫାଉଣ୍ଡେସନ ବୁଧବାର ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି। ମୋଟ ୧୦୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଭେଷଜ ବିଶେଷଜ୍ଞ ଅନିଲ କୁମାର ବୁଗୁଡି ଓ ଚର୍ମରୋଗ ବିଶେଷଜ୍ଞ ଶ୍ରୀକାନ୍ତ ଆଚାର୍ଯ୍ୟ ୪୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ଭାବନା ଟ୍ରଷ୍ଟର ଅଧ୍ୟକ୍ଷ ଯୁବନେତା ଇଂ ରାଜେଶ କୁମାର ମହାକୁଡ ପୌରୋହିତ୍ୟ କରିଥିବା ବେଳେ ବିଜେପି ଜିଲାସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଜିଲା ରକ୍ତ ଭଣ୍ଡାରର ମୁଖ୍ୟ ଅଧୀକାରୀ ଡଃ ବସନ୍ତ କୁମାର ଉପାଧ୍ୟାୟ, ଯୁବନେତା ନିଳମାଧବ ପଣ୍ଡା, ତୁଡିଗଡ଼ିଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥି, ଗଣ୍ଡିବେଡ ବଣିକ ସଂଘ ସମ୍ପାଦକ ଅଭିମନ୍ୟୁ ରାଉଳ, ସମିତିସଭ୍ୟା ବାସନ୍ତୀ ମହାନ୍ତୀ, ସମାଜସେବୀ ରାମଚନ୍ଦ୍ର ମହାକୁଡ, ଗାୟତ୍ରୀ ଆଶ୍ରମ ପରିଚାଳକ ଦିପ୍ତିକାନ୍ତ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟ ସଦସ୍ୟ ମହେଶ୍ୱର ନାଥ, ଟ୍ରଷ୍ଟି ଅନୁସରଣ ମହାକୁଡ, ଉମେଶ ଜେନା, ମାନସ ମୁଦୁଲି, ଉମେଶ ଗାହାଣ, ଦିପ୍ତିକାନ୍ତ ବେହେରା, ଭକ୍ତହରି ସାହୁ, ଶଶିକାନ୍ତ ରାଉତ, କମଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ବୈଠକରେ ନିଷ୍ପତ୍ତି ସତ୍ତ୍ୱେ ଲୋକପ୍ରତିନିଧିଙ୍କୁ ଉପେକ୍ଷା

ଖଇରା, ୨୫।୨ (ସମିସ)

ଗତ କିଛି ମାସ ଧରି ଖଇରା ବ୍ଲକରେ ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଉପେକ୍ଷା କରାଯାଉଥିବା ନେଇ କ୍ରମାଗତ ଅଭିଯୋଗ ହୋଇ ଆସୁଥିବା ବେଳେ ଖଇରାରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ଏଥିପାଇଁ ଜିଲାପରିଷଦ ବୈଠକରେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ନିମନ୍ତ୍ରଣ ପାଇଁ ଜିଲାପାଳ, ଏମ୍‌ପି ଓ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ ଉପସ୍ଥିତିରେ ଅଧିବେସନ ପାରିତ ହୋଇଛି। ଅନ୍ୟପକ୍ଷରେ ବିଭାଗୀୟ ଯନ୍ତ୍ରୀ ମାନେ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କୁ ଡକାଯିବା ନେଇ ପ୍ରୋଟକଲ ନଥିବା କହିବା ଏବେ ଧିରେ ଧିରେ ପରିସ୍ଥିତିକୁ ଅଧୀକ ଗୋଳମାଳିଆ କରୁଛି। ଏହାକୁ ନେଇ ବିଭିନ୍ନ ଦଳର ନେତାଙ୍କ ସମର୍ଥକଙ୍କ ମଧ୍ୟରେ କାଦୁଅଫିଙ୍ଗା ଆରମ୍ଭ ହୋଇଛି। ବୁଧବାର ଜଳସମ୍ପଦ ବିଭାଗ ସାଳନ୍ଦୀ ଡିଭିଜନର ଓସଙ୍ଗ ଠାରେ ଆମ୍ବଗଡ଼ିଆ, ମାଧପୁର ଓ କନ୍ଦଡା ମାଇନର ବାମପାର୍ଶ୍ୱ ବନ୍ଧର ଉନ୍ନତିକରଣ ନିମିତ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମ ଥିଲା। ଏଥିରେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, କନିଷ୍ଠ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଏବଂ ସମିତି ସଭ୍ୟା

**ବଢୁଛି ଅସନ୍ତୋଷ**

ସବିତାରାଣୀ ପଣ୍ଡାଙ୍କୁ ନିମନ୍ତ୍ରଣ କରାଯାଇନଥିବାରୁ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ସମିତିସଭ୍ୟା ଶ୍ରୀମତୀ ପଣ୍ଡା ବାଲେଶ୍ୱର ଜିଲା ପରିଷଦ ବୈଠକରେ ଜାନୁଆରୀ ୨୧ତାରିଖରେ ପାରିତ ହୋଇଥିବା ଅଧିବେଶନର ନକଲ ଦେଖାଇ ସବୁ ସରକାରୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଡକାଯିବାକୁ ଉଲ୍ଲେଖ କରାଯାଇଥିବା ବେଳେ ଯନ୍ତ୍ରୀ ମାନେ ଏହାକୁ ଅଣଦେଖା କରି ସରକାରଙ୍କ ଏଜେଣ୍ଟ ଭଳି କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭଦ୍ରକ ସାଳନ୍ଦୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ହିତେଶ ସାହୁଙ୍କୁ ଯୋଗାଯୋଗ କରିବାରେ ଜଳସମ୍ପଦ ବିଭାଗର ସମସ୍ତ ପ୍ରକଳ୍ପ ପାଇଁ ନିର୍ମିତ ଫଳକରେ କେବଳ ସାଂସଦ ଓ ବିଧାୟକଙ୍କ ନାମ ରଖାଯିବାର ପ୍ରୋଟୋକଲ ଥିବା କହିଛନ୍ତି। ସେପଟେ ଏବେ ୧୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଭୂମିପୂଜା ସରିଯାଇଥିଲେ ହେଁ ଭଦ୍ରକ ଏମପିଙ୍କ ଅନୁପସ୍ଥିତି ଦଳରେ ସବୁକିଛି ଠିକଠାକ ନଥିବା କୁହାଯାଉଛି।

